**SET NO-1**

**Roll Number**

| | | | | | | |
|---|---|---|---|---|---|---|
| | | | | | | |

*Candidates must write the Set No. on the title page of the answer book.*

**DAV PUBLIC SCHOOLS, ODISHA ZONE**
**PERIODIC ASSESSMENT - II (2023-24)**

- Please check that this question paper contains **4 printed** pages.
- Set number given on the right hand side of the question paper should be written on the title page of the answer book by the candidate.
- Check that this question paper contains **14** questions.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

**CLASS –VIII**
**SUB: ODIA**

**Time Allowed : 3 Hours** **Max. Marks: 80**

**ସାଧାରଣ ନିର୍ଦ୍ଦେଶାବଳୀ :-**

ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।
'କ' ବିଭାଗ ପଠନ -10 marks
'ଖ' ବିଭାଗ ଲିଖନ- 15 marks
'ଗ' ବିଭାଗ ବ୍ୟାକରଣ – 20 marks
'ଘ' ବିଭାଗ ସାହିତ୍ୟ – 35 marks
ପ୍ରତ୍ୟେକ ପ୍ରଶ୍ନରେ ଦିଆ ଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ପ୍ରଶ୍ନଗୁଡିକର ଉତ୍ତର ଦେବ ।

## 'କ'ବିଭାଗ

**1. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପାଠ କରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।** **(5X2=10)**

ମଣିଷର ବ୍ୟବହାର ହିଁ ତା'ର ପ୍ରକୃତ ପରିଚୟ ଜଣାଇଥାଏ । ମାର୍ଜିତ ବ୍ୟବହାର ସଂପନ୍ନ ବ୍ୟକ୍ତି ସବୁ କ୍ଷେତ୍ରରେ ଆଦୃତ ଓ ସମ୍ମାନିତ ହୋଇଥାଏ । ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମଣିଷର ମନକୁ ନିୟନ୍ତ୍ରିତ କରି ବ୍ୟବହାରକୁ ଶୃଙ୍ଖଳିତ କରାଇବା । ବିଦ୍ୱାନ ବ୍ୟକ୍ତିଗଣ, ସର୍ବଦା ଶୁଦ୍ଧ ଓ ଗ୍ରହଣୀୟ ବ୍ୟବହାରକୁ ଗୁରୁତ୍ୱ ଦେଇଥାନ୍ତି । ଯାହା ତୁମ ନିଜକୁ ପସନ୍ଦ ନୁହେଁ, ତାହା ଅନ୍ୟକୁ ପ୍ରଦର୍ଶନ କରିବ କିପରି ? ବ୍ୟବହାରରୁ ଜନ୍ମନିଏ ଶିଷ୍ଟାଚାର ଓ ତାହା ବିଶାଳ ରୂପରେ ସଭ୍ୟତାର ନିଦର୍ଶନ ପାଲଟିଯାଏ । ବିଖ୍ୟାତ ଲେଖକ ପ୍ରେମଚାନ୍ଦ ଏକଦା କହିଥିଲେ – "ଯାହାକୁ ବ୍ୟବହାର ଜଣାନାହିଁ, ତା'କୁ ମଣିଷ ରୂପରେ ଗଣ୍ୟ କରାଯାଇପାରିବନାହିଁ ।" ବ୍ୟବହାର ସମ୍ପର୍କରେ ପରାଜିତ ରାଜା ପୁରୁ ଯେଉଁ ଉତ୍ତର ବିଜୟୀ ରାଜା ଆଲେକଜାଣ୍ଡରଙ୍କୁ ଦେଇଥିଲେ । ତାହା ଉଭୟ ଇତିହାସ ଓ କିମ୍ବଦନ୍ତୀ ପାଲଟିଗଲା । ସ୍ୱାଭିମାନୀ ବ୍ୟକ୍ତିମାନେ ଉଚିତ ବ୍ୟବହାରକୁ ମୂଳଧନ ବା ପୁଞ୍ଜିକରି ସମାଜରେ ସମାଦୃତ ହୋଇଥାନ୍ତି । ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ବ୍ୟବହାର ବା ଆଚରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା । ମାତ୍ର, ପରିତାପର ବିଷୟ ଆଜିକାଲି ଶିକ୍ଷିତ ସମ୍ପ୍ରଦାୟ ଅନେକ ସ୍ଥଳରେ ଏହାର ମହତ୍ତ୍ୱ ପ୍ରତିପାଦନ କରିବାରେ ବିଫଳ ହେଉଛନ୍ତି । ବ୍ୟବହାର ଭୁଲିଯାଇ ଉଦ୍ଧତ ବା ଅଶିଷ୍ଟ ପରି ଆଚରଣ ଦେଖାଉଛନ୍ତି । ଏପରି ସ୍ଥଳେ, ସେମାନଙ୍କୁ ପ୍ରକୃତ ଅର୍ଥରେ ଶିକ୍ଷିତ ବୋଲି ଆମେ କେମିତି କହିପାରିବା ? ବାସ୍ତବରେ ସେମାନେ ଶିକ୍ଷିତ ନୁହନ୍ତି; ସ୍ୱାକ୍ଷର ମାତ୍ର ।

**ପ୍ରଶ୍ନାବଳୀ :-**

(i) କେଉଁ ବ୍ୟକ୍ତି ସବୁକ୍ଷେତ୍ରରେ ସମ୍ମାନିତ ହୋଇଥାଏ ?

(ii) ଶିକ୍ଷାର ମୂଳ ଉଦ୍ଦେଶ୍ୟଟି କ'ଣ ?

(iii) ମଣିଷର ବ୍ୟବହାର ସମ୍ପର୍କରେ ପ୍ରେମଚାନ୍ଦ କ'ଣ କହିଥିଲେ ?

(iv) ଗୁରୁକୁଳ ବ୍ୟବସ୍ଥାର ବିଶେଷତ୍ୱ କେଉଁଠାରେ ନିହିତ ଥିଲା ?

(v) କେଉଁମାନଙ୍କୁ ଶିକ୍ଷିତ କୁହାଯାଇପାରିବ ନାହିଁ ?

## 'ଖ' ବିଭାଗ

**2.ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ।** **(8)**

(କ) ଆଦର୍ଶ ଛାତ୍ର

(ଖ) ପରିବେଶ ପ୍ରଦୂଷଣ ଓ ତା'ର ପ୍ରତିକାର

(ଗ) ସ୍ୱାସ୍ଥ୍ୟ ହିଁ ସମ୍ପଦ

**3.ଯେ କୌଣସି ଗୋଟିଏ ବିଷୟରେ ଦରଖାସ୍ତ ଲେଖ।** **(7)**

(କ) ତୁମ ଅଞ୍ଚଳରେ ହେଉଥିବା ବାରମ୍ବାର ଚୋରିର ପ୍ରତିକାର ନିମନ୍ତେ ଥାନା ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

**କିମ୍ବା**

(ଖ) ତୁମ ଅଞ୍ଚଳରେ ଡେଙ୍ଗୁ ଜ୍ୱରର ପ୍ରତିକାର ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

## 'ଗ' ବିଭାଗ

**4. (କ) ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (୨ ଟିର)** **(2X1=2)**

i) ଓଡ଼ିଆ ଭାଷାରେ ସ୍ୱର ବର୍ଣ୍ଣ ସଂଖ୍ୟା କେତେ ?

ii) ବର୍ଗ୍ୟ ବ୍ୟଞ୍ଜନ ଗୁଡ଼ିକୁ କେତୋଟି ବର୍ଗରେ ବିଭକ୍ତ କରାଯାଇଛି ?

iii) ବିସର୍ଗ, ଅନୁସାର, ଚନ୍ଦ୍ରବିନ୍ଦୁ କି ପ୍ରକାର ବର୍ଣ୍ଣ ଅଟନ୍ତି ?

**(ଖ) ନିମ୍ନଲିଖିତ ଶବ୍ଦର ଲିଙ୍ଗ ପରିବର୍ତ୍ତନ କର । (୨ ଟିର)** **(2X1=2)**

i) ଆଚାର୍ଯ୍ୟ ii) ରୁଦ୍ର iii) ଗାୟକ

**5. (କ)ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ । (୨ ଟିର)** **(2X1=2)**

i) ଅନେକ ଝିଅ – କେଉଁ ବଚନ ଲେଖ ?

ii) ' ବର୍ଗ ' ବ୍ୟବହାର କରି ଗୋଟିଏ ବହୁବଚନ ଶବ୍ଦ ଲେଖ ।

iii) ଆପଣ – କେଉଁ ବଚନ ?

**(ଖ) ରେଖାଙ୍କିତ ପଦଟି କେଉଁ ପୁରୁଷ ଚିହ୍ନାଅ ।** (୨ଟିର) **(2x1=2)**

i) **<u>ମୁଁ</u>** ନିୟମିତ ପ୍ରାତଃ ଭ୍ରମଣ କରେ ।

ii) ଦୟାକରି **<u>ଆପଣ</u>** ନିଜ ଆସନ ଗ୍ରହଣ କରନ୍ତୁ ।

iii) ସଭାରେ **<u>ସମସ୍ତେ</u>** ନୀରବତା ରକ୍ଷା କଲେ ।

**6 . (କ)ନିମ୍ନଲିଖିତ ଶବ୍ଦଗୁଡ଼ିକ ତତ୍ସମ ଥିଲେ ତଦ୍ଭବ ଓ ତଦ୍ଭବ ଥିଲେ ତତ୍ସମ ଶବ୍ଦ ଲେଖ । (୪ଟିର)** **(4x1=4)**

i) ମାଟି ii) ଶ୍ମଶାନ iii) ନଅର iv) ଗରାଖ v)ନକୁଳ

**(ଖ) ରେଖାଙ୍କିତ ବିଶେଷ୍ୟ ପଦଗୁଡ଼ିକର ନାମ ଲେଖ। (୪ଟିର)** **(4x1=4)**

i) ଅତି **<u>ସରଳତା</u>** ମଣିଷକୁ ଅସୁବିଧାରେ ପକାଇ ଥାଏ ।

ii) **<u>ଭାଗବତ</u>** ଏକ ପବିତ୍ର ଗ୍ରନ୍ଥ ।

iii) **<u>କୃଷକ</u>** ଭାରତର ମେରୁଦଣ୍ଡ ।

iv) ସୁନାରୁ **<u>ଅଳଙ୍କାର</u>** ତିଆରି ହୁଏ।

v) ରାମ ବାବୁ ଭୋଜନ ପରେ **<u>ଶୟନ</u>** କଲେ।

**7. ନିମ୍ନଲିଖିତ ବାକ୍ୟଗୁଡ଼ିକ କି ପ୍ରକାର ବାକ୍ୟ ଚିହ୍ନାଅ । ( ସରଳ, ଯୌଗିକ, ଜଟିଳ) (୪ଟିର)** **(4x1=4)**

i) ବସନ୍ତ ଋତୁରେ ଦକ୍ଷିଣ ଦିଗରୁ ମଳୟ ପବନ ବହେ ।

ii) ସଞ୍ଜୟ କହିଲା କିନ୍ତୁ ବାପା ଗଲେ ନାହିଁ ।

iii) ଖେଳରେ ଆମେ ଜିତିବା ନ ହେଲେ ହାରିବା ।

iv) ଯେତେବେଳେ ସୂର୍ଯ୍ୟ ଉଦୟ ହେବେ , ସେତେବେଳେ ପଦ୍ମଫୁଲ ଫୁଟିବ ।

v) ଆକବର ଜଣେ ଯୋଦ୍ଧା ଥିଲେ ।

## <u>'ଘ' ବିଭାଗ</u>

**8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ୧ଟିର)** **(1x5=5)**

(କ) " ମୁଁ ମୋର ଜନ୍ମପାଇଁ ପିତାମାତାଙ୍କ ସମୀପରେ ଋଣୀ ,କିନ୍ତୁ ମୋର ଜୀବନ ପାଇଁ ଗୁରୁଙ୍କ ସମୀପରେ ଋଣୀ ।"

(ଖ) ଆମ ନିଜ ଦେହର ରକ୍ତପରି ଏ ଲୁଣ ଆମର ପ୍ରିୟ ।

**9. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । (୩ଟିର)** **(3x2=6)**

(କ) ପୁଲିସ୍ ର ହୃଦୟ କିପରି ପରିବର୍ତ୍ତନ ହେବ ବୋଲି ଗାନ୍ଧିଜୀ କହିଥିଲେ ?

(ଖ) ଏବେ ଗୁରୁ ଶିଷ୍ୟର ସମ୍ପର୍କ କିପରି ହେବା ଉଚିତ୍ ବୋଲି ଲେଖକ କହିଛନ୍ତି ?

(ଗ) 'ତେଜସ୍ୱିନାବଧୀତମସ୍ତୁ' ଉକ୍ତିରୁ ଗୁରୁଶିଷ୍ୟଙ୍କ ସମ୍ପର୍କରେ କ'ଣ ଜଣାପଡୁଛି ?

(ଘ) ଆଟ୍ ଓ ଭୀମ୍ ରୀଡ଼ରେ ଗାନ୍ଧିଜୀ କେଉଁ ଦୃଶ୍ୟ ଦେଖିଥିଲେ ?

(ଙ) ସୁଦର୍ଶନ ପ୍ରହରାଜଙ୍କ ବ୍ୟକ୍ତିତ୍ୱ କିପରି ଥିଲା ?

**10. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ ।** **(4X1=4)**

(କ) 'ରୋଗୀସେବା' ପ୍ରବନ୍ଧଟି କେଉଁ ପୁସ୍ତକରୁ ସଂଗୃହୀତ ?

i) ଆଦିବାସୀ କଥା ii) ମିନିର ମନକଥା

iii) ଗାନ୍ଧି ମହାରାଜାଙ୍କ ଶିଷ୍ୟ iv) ଆମ ଗ୍ରହ ଉପଗ୍ରହ

(ଖ) ବାପାଙ୍କ ଦେହତ୍ୟାଗର କେତେ ବର୍ଷ ପରେ ଲେଖକ ମାଆ ଛେଉଣ୍ଡ ହୋଇଥିଲେ ?

i) ଚାରି ii) ପାଞ୍ଚ iii) ଛଅ iv) ସାତ

(ଗ) '' ଲୁଣ ହେଉଛି ରାଷ୍ଟ୍ରର ଆତ୍ମସମ୍ମାନର ପ୍ରତୀକ ''- ଗାନ୍ଧିଜୀ କେଉଁ ପତ୍ରିକାରେ ଏହା ଲେଖିଥିଲେ ?

i) ୟଙ୍ଗ୍ ଇଣ୍ଡିଆ ii) ହରିଜନ iii) ଅମୃତ ଅନୁଭବ iv) ଗୀତା ପ୍ରବଚନ

(ଘ) ଶିକ୍ଷା କ୍ଷେତ୍ରରେ କାହାକୁ କେନ୍ଦ୍ରସ୍ଥାନ ଦିଆଯାଏ ?

i) ଗୁରୁ ii) ବିଦ୍ୟା iii) ମାତାପିତା iv) ଶିଷ୍ୟ

**11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ୧ଟିର) (1x5=5)**

(କ) ଉଚ୍ଚ ହେବାପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।

**କିମ୍ବା**

(ଖ ) ଭାଇରେ ଭାଇରେ ସ୍ନେହ କେମନ୍ତ ଦେଖିଲ କହ,
ବୃଥା ଅହଙ୍କାରେ ନରେ ଆଉ ନ ପଡ଼ ।

**12 . ସଂକ୍ଷେପରେ ଉତ୍ତର ଲେଖ । (୩ଟିର ) (3 ×2=6)**

(କ ) କବି ଦେଶବାସୀଙ୍କୁ କି ଆହ୍ୱାନ ଦେଇଛନ୍ତି ?

(ଖ ) ପିମ୍ପୁଡ଼ିଠାରୁ ଆମର କ'ଣ ଶିଖିବାର ଅଛି ?

(ଗ ) ଭରତଙ୍କୁ ପ୍ରବୋଧନା ଦେବା ପାଇଁ ରାମ କ'ଣ କରିଥିଲେ ?

(ଘ ) ଗୋପାଳ ବାଳକମାନେ ଦୁଃଖ ଅନୁଭବ କରୁଥିଲେ କାହିଁକି ?

(ଙ ) କେଉଁ ସ୍ଥାନକୁ ଗଲେ ଅତିଥିଙ୍କୁ ନିରାଶ ହେବାକୁ ପଡେନାହିଁ ?

**13. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ । (4x1=4)**

(କ) ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ ବୃକ୍ଷ ମାହାତ୍ମ୍ୟ କବିତାଟି ଅଣାଯାଇଛି ?

i) ନବମ ii) ଦଶମ iii) ଏକାଦଶ iv) ତ୍ରୟୋଦଶ

(ଖ) ଦେବୀ ସୀତାଙ୍କଠାରୁ କେଉଁ ଗୁଣଟିକୁ ଶିକ୍ଷା କରିବା ପାଇଁ କବି ପରାମର୍ଶ ଦେଇଛନ୍ତି ?

i) କର୍ତ୍ତବ୍ୟ ନିଷ୍ଠା ii) ସଦାଚାର iii) ପତିବ୍ରତା iv) ପତ୍ନୀବ୍ରତା

(ଗ) ନିଜଠାରୁ ଅଧିକ ବଳଶାଳୀ ଜନ୍ତୁମାନଙ୍କୁ ମଣିଷ କାହାଦ୍ୱାରା ଆୟତ୍ତ କରି ପାରିଛି ?

i) ବଳ ii) କୌଶଳ iii) ଅର୍ଥ iv) କ୍ଷମତା

(ଘ) କେଉଁଟି ଶ୍ରୀକୃଷ୍ଣଙ୍କ ସଖାଙ୍କ ନାମ ନୁହେଁ ବାଛ ?

i) ଶ୍ରୀଦାମ ii) ସୁବଳ iii) ପ୍ରାଂଶୁ iv) ବିଶାଳ

**14. ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ। (୫ଟିର) (5x1=5)**

(କ) ବ୍ରାହ୍ମଣ ଖୁଦ ଦାନାଟିଏ ପାଇଲେ ନାହିଁ କାହିଁକି ?

(ଖ) ନଅ ଟଙ୍କା ଦରମାରେ ହରିସିଂ କିପରି ଗୁଜୁରାଣ ମେଣ୍ଟାଉଥିଲେ ?

(ଗ) ଯଜ୍ଞର ପ୍ରଧାନ କର୍ତ୍ତବ୍ୟ କ'ଣ ବୋଲି ପୁରୋହିତ କହିଲେ ?

(ଘ) ହରିସିଂ କେଉଁ ପୋଷ୍ଟ ଅଫିସରେ କାର୍ଯ୍ୟ କରୁଥିଲେ ?

(ଙ)"ଆପଣ ସୀମା ଲଂଘନ କରୁଛନ୍ତି ଆଗନ୍ତୁକ।" -ଏ କଥା କିଏ କହିଛନ୍ତି?

(ଚ) ରାଜା ଯୁଧିଷ୍ଠିର କେଉଁ ଯଜ୍ଞର ଆୟୋଜନ କରିଥିଲେ ?

(ଛ) ଗୋପାଳ ବଡ଼ ହୋଇ କେଉଁ ଚାକିରି କରିବ ବୋଲି ହରିସିଂ ଆଶା କରିଥିଲେ?

**********************